ଭାଗ ନଂ........................................

ଅନୁଭାଗ ନଂ..................................

ସମ୍ପର୍କୀୟଙ୍କ ଘର ନଂ.........................

(ବି.ଏଲ୍.ଓ.ଙ୍କ ଦ୍ୱାରା ପୂରଣ ହେବ)

# ଭାରତ ନିର୍ବାଚନ ଆୟୋଗ

## ଫର୍ମ - ୬

(ନିର୍ବାଚକ ପଞ୍ଜିକରଣ ନିୟମ, ୧୯୬୦ର ନିୟମ ୧୩(୧) ଓ ୨୬ ଦ୍ରଷ୍ଟବ୍ୟ)

ପ୍ରାପ୍ତିସ୍ୱୀକାର ସଂଖ୍ୟା_____________

(କାର୍ଯ୍ୟାଳୟ ଦ୍ୱାରା ପୂରଣ ହେବ)

## ଭୋଟର ତାଲିକାରେ ପ୍ରଥମ ଥର ନାମ ଅର୍ନ୍ତଭୁକ୍ତ କରିବା ପାଇଁ କିମ୍ବା କୌଣସି ଏକ ନିର୍ବାଚନମଣ୍ଡଳୀରୁ ଅନ୍ୟ ଏକ ନିର୍ବାଚନମଣ୍ଡଳୀକୁ ସ୍ଥାନ ପରିବର୍ତ୍ତନ କାରଣରୁ ଭୋଟର ତାଲିକାରେ ନାମ ଅର୍ନ୍ତଭୁକ୍ତ କରିବା ପାଇଁ ଦରଖାସ୍ତ ।

ପ୍ରାପ୍ତେଷୁ, ନିର୍ବାଚକ ପଞ୍ଜିକରଣ ଅଧିକାରୀ,

............................................................ ବିଧାନ ସଭା/ସଂସଦୀୟ ନିର୍ବାଚନ ମଣ୍ଡଳୀ ।

ମୁଁ ଅନୁରୋଧ କରୁଅଛି କି ମୋର ନାମ ଉପରୋକ୍ତ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ଅର୍ନ୍ତଭୁକ୍ତ କରାଯାଉ । **[ଯଥା ସ୍ଥାନରେ ଠିକ୍ ଚିହ୍ନ ଦିଅନ୍ତୁ]**

**ପ୍ରଥମ ଥର ନାମ ଅର୍ନ୍ତଭୁକ୍ତ କରିବା ପାଇଁ** ☐ **କିମ୍ବା ଅନ୍ୟ ଏକ ନିର୍ବାଚନମଣ୍ଡଳୀରୁ ସ୍ଥାନ ପରିବର୍ତ୍ତନ** କାରଣରୁ ☐ ଭୋଟର ତାଲିକାରେ ମୋର ନାମ ଅର୍ନ୍ତଭୁକ୍ତ କରାଯିବା ଦାବି ସପକ୍ଷରେ ସବିଶେଷ ବିବରଣୀ ନିମ୍ନରେ ଦିଆଯାଇଛି ।

ସମ୍ପୂର୍ଣ୍ଣ ମୁଖମଣ୍ଡଳର ସମ୍ମୁଖ ଭାଗ ଦୃଶ୍ୟ ହେଉଥିବା ଗୋଟିଏ ନଗଦ ଉଠାଯାଇଥିବା ରଙ୍ଗିନ ପାସପୋର୍ଟ ସାଇଜ୍ ଫଟୋ (୩.୫ସେ.ମି.x ୩.୫ସେ.ମି.) ଏହି ସ୍ଥାନରେ ଅଠାରେ ଲଗାଯିବ ।

**ବାଧ୍ୟତାମୂଳକ ବିବରଣୀ**

| | | | |
|---|---|---|---|
| (କ) ନାମ | | (a) First Name in English | |
| (ଖ) ଶେଷ ନାମ (ଯଦି ଥାଏ) | | (b) Surname in English (if any) | |
| (ଗ) ଦରଖାସ୍ତକାରୀଙ୍କ ସମ୍ପର୍କୀୟଙ୍କ ନାମ ଓ ଶେଷ ନାମ [ପଦକ୍ରମ (ଘ) ଦେଖନ୍ତୁ] | | | |
| (c)Name & Surname (in English) of Relative of Applicant (See item (d)) | | | |
| (ଘ) ସମ୍ପର୍କର ପ୍ରକାର [ଯଥା ସ୍ଥାନରେ ଠିକ୍ ଚିହ୍ନ ଦିଅନ୍ତୁ] | ପିତା ☐ ମାତା ☐ ସ୍ୱାମୀ ☐ ସ୍ତ୍ରୀ ☐ ଅନ୍ୟ ☐ | | |
| (ଙ) ବୟସ [ଚଳିତ କ୍ୟାଲେଣ୍ଡର ବର୍ଷ ତା ୧-୧-......................... ରିଖ ସୁଦ୍ଧା] | ବର୍ଷ ☐☐ | ମାସ ☐☐ | |
| (ଚ) ଜନ୍ମ ତାରିଖ (ଦିନ/ମାସ/ବର୍ଷ ଏହି ଅନୁସାରେ)(ଯଦି ଜଣାଥାଏ) | ☐☐/☐☐/☐☐☐☐ | | |
| (ଛ) ଦରଖାସ୍ତକାରୀଙ୍କ ଲିଙ୍ଗ (ଯଥା ସ୍ଥାନରେ ଠିକ୍ ଚିହ୍ନ ଦିଅନ୍ତୁ) | ପୁରୁଷ ☐ ମହିଳା ☐ ତୃତୀୟ ଲିଙ୍ଗ ☐ | | |
| **(ଜ) ବର୍ତ୍ତମାନ ସାଧାରଣ ଭାବେ ବସବାସ କରୁଥିବା ସ୍ଥାନର ଠିକଣା** | | ଘର ସଂଖ୍ୟା. | |
| ରାସ୍ତା / ଅଞ୍ଚଳ / ସ୍ଥାନ | | | |
| ସହର / ଗ୍ରାମ | | | |
| ଡାକଘର | | ପିନ୍ କୋଡ୍ | ☐☐☐☐☐☐ |
| ଜିଲ୍ଲା | | ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ | |

| | | | |
|---|---|---|---|
| **(ଝ) ଦରଖାସ୍ତକାରୀଙ୍କ ସ୍ଥାୟୀ ଠିକଣା** | | ଘର ସଂଖ୍ୟା. | |
| ରାସ୍ତା/ ଅଞ୍ଚଳ / ସ୍ଥାନ | | | |
| ସହର / ଗ୍ରାମ | | | |
| ଡାକଘର | | ପିନ୍ କୋଡ୍ | ☐☐☐☐☐☐ |
| ଜିଲ୍ଲା | | ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ | |
| (ଞ) ଭୋଟର ପରିଚୟ ପତ୍ର ସଂଖ୍ୟା (ଯଦି ଥାଏ) | | | |

**ଇଚ୍ଛାଧିନ ବିବରଣୀ**

(ଟ) ଅସମର୍ଥତା (ଯଦି କିଛି ଥାଏ)[ଯଥା ସ୍ଥାନରେ ଠିକ୍ ଚିହ୍ନ ଦିଅନ୍ତୁ]

ଦୃଷ୍ଟିଗତ ଅସମର୍ଥତା ☐ କହିବା ଓ ଶୁଣିବାର ଅସମର୍ଥତା ☐ ଚାଲିବା ଅସମର୍ଥତା ☐ ଅନ୍ୟାନ୍ୟ ☐

| | |
|---|---|
| (ଠ) ଇ-ମେଲ ଆଇଡି (ଇଚ୍ଛାଧିନ) | |
| (ଡ) ମୋବାଇଲ ନମ୍ବର (ଇଚ୍ଛାଧିନ) | ☐☐☐☐☐☐☐☐☐☐ |

**ଘୋଷଣା - ମୁଁ ଏତଦ୍ୱାରା ମୋର ଜ୍ଞାନ ଓ ବିଶ୍ୱାସ ମତେ ଘୋଷଣା କରୁଅଛି ଯେ –**

(୧) ମୁଁ ଭାରତର ନାଗରିକ ଅଟେ ଏବଂ ମୋର ଜନ୍ମ ସ୍ଥାନ ଗ୍ରାମ/ସହର ............................................................................ ଜିଲ୍ଲା ..................................................................ରାଜ୍ୟ ........................................................................... ଅଟେ ।

(୨) ମୁଁ ତା.................................... (ଦିନ/ମାସ/ବର୍ଷ) ଉପର (ଜ) ରେ ଦିଆ ହୋଇଥିବା ଠିକଣାରେ ସାଧାରଣତଃ ଭାବେ ବସବାସ କରିଆସୁଛି ।

(୩) ମୁଁ ଅନ୍ୟ କୌଣସି ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଦରଖାସ୍ତ କରିନାହିଁ ।

*(୪) ମୋର ନାମ ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରେ କିମ୍ବା ଅନ୍ୟ ବିଧାନସଭା/ସଂସଦୀୟ ନିର୍ବାଚନ ମଣ୍ଡଳୀ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହିଁ ।

**କିମ୍ବା**

*ମୋର ନାମ ................................................................ ରାଜ୍ୟର ...................................................... ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାରେ ଥାଇପାରେ, ଯେଉଁଠାରେ ମୁଁ ପୂର୍ବରୁ ନିମ୍ନ ଠିକଣାରେ ସାଧାରଣଭାବେ ବସବାସ କରୁଥିଲି, ଯଦି ତାହା ହୋଇଥାଏ, ମୁଁ ଅନୁରୋଧ କରେ କି ସେହି ଭୋଟର ତାଲିକାରୁ ମୋର ନାମ ବାଦ ଦିଆଯାଉ ।

**ଅନୁପଯୋଗୀ ଶବ୍ଦାବଳୀକୁ କାଟି ଦିଅନ୍ତୁ ।*

ପୂର୍ବତନ ଠିକଣା ଯେଉଁଠି ସାଧାରଣ ଭାବେ ବସବାସ କରୁଥିଲେ ତାହାର ସବିଶେଷ ବିବରଣୀ (ଯଦି ଅନ୍ୟ ଏକ ନିର୍ବାଚନ ମଣ୍ଡଳୀରୁ ସ୍ଥାନ ପରିବର୍ତ୍ତନ କରିବାକୁ ଦରଖାସ୍ତ କରିଛନ୍ତି)

| | | | |
|---|---|---|---|
| ଘର ସଂଖ୍ୟା. | | ରାସ୍ତା/ ଅଞ୍ଚଳ / ସ୍ଥାନ | |
| ସହର / ଗ୍ରାମ | | | |
| ଡାକଘର | | ପିନ୍ କୋଡ୍ | ☐☐☐☐☐☐ |
| ଜିଲ୍ଲା | | ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ | |

ମୁଁ ଅବଗତ ଯେ ଏପରି ବିବୃତି ଦେବା ବା ଘୋଷଣା କରିବା ଯାହା କି ମିଥ୍ୟା ଅଟେ, ଏବଂ ଯାହା ମୁଁ ମିଥ୍ୟା ବୋଲି ଜାଣେ ବା ବିଶ୍ୱାସ କରେ ବା ଯାହା ସତ୍ୟ ବୋଲି ବିଶ୍ୱାସ କରେ ନାହିଁ ଲୋକ ପ୍ରତିନିଧିତ୍ୱ ଅଧିନିୟମ ୧୯୫୦ ଧାରା ୩୧(୧୯୫୦ ର ୪୩) ଅନୁଯାୟୀ ଦଣ୍ଡନୀୟ ।

ସ୍ଥାନ.................................................

ତାରିଖ ............................................ ଦରଖାସ୍ତକାରୀଙ୍କ ସ୍ୱାକ୍ଷର ...............................................

କ୍ଷେତ୍ର ସ୍ତରୀୟ ଯାଞ୍ଚ କରୁଥିବା ଅଧିକାରୀଙ୍କ ମନ୍ତବ୍ୟ:

**ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ବିଶଦ ବିବରଣୀ**
**(ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ପୂରଣ କରାହେବ)**

ଶ୍ରୀ/ଶ୍ରୀମତୀ /କୁମାରୀ .................................................................................................. ଙ୍କର ନାମକୁ ଭୋଟର ତାଲିକାରେ ଅର୍ନ୍ତଭୁକ୍ତ କରିବା ପାଇଁ ଫର୍ମ- ୬ ରେ ଦେଇଥିବା ଦରଖାସ୍ତ ମଞ୍ଜୁର / ନାମଞ୍ଜୁର କରାଯାଇଛି ।
ମଞ୍ଜୁର ପ୍ରାପ୍ତର [ନିୟମ ୧୮/୨୦/୨୬(୪) ମୁତାବକ] କିମ୍ବା ନାମଞ୍ଜୁର ପ୍ରାପ୍ତର [ନିୟମ ୧୭/୨୦/୨୬(୪) ମୁତାବକ] ବିସ୍ତୃତ କାରଣ ନିମ୍ନରେ ଦିଆଗଲା:

**ସ୍ଥାନ.......................................**
**ତାରିଖ ...................................** **ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ସ୍ୱାକ୍ଷର** **ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ମୋହର**

---

ନିଆଯାଇଥିବା ନିଷ୍ପତ୍ତିର ସୂଚନା (ନିର୍ବାଚନ ମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ପୂରଣ କରାଯିବ ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦିଆଯାଇଥିବା ଠିକଣାରେ ଦରଖାସ୍ତକାରୀଙ୍କ ପାଖକୁ ଡାକରେ ପଠାଯିବ । )

| | | | | |
|---|---|---|---|---|
| ଶ୍ରୀ / ଶ୍ରୀମତୀ / କୁମାରୀ ......................................................................... ଙ୍କ ଫର୍ମ -୬ ରେ ଦରଖାସ୍ତ | | | | ପ୍ରେରଣ ସମୟରେ ନିର୍ବାଚକ ପଞ୍ଜୀକରଣ ପ୍ରାଧିକାରୀଙ୍କ ଦ୍ୱାରା ଡାକ ଟିକଟ ଲଗାହେବ । |
| ଦରଖାସ୍ତକାରୀଙ୍କ ବର୍ତ୍ତମାନ ଠିକଣା ଯେଉଁଠି ସେ ସାଧାରଣ ଭାବେ ବସବାସ କରୁଛନ୍ତି । | ଘର ସଂଖ୍ୟା | | | |
| ରାସ୍ତା/ ଅଞ୍ଚଳ / ସ୍ଥାନ | | | | |
| ସହର / ଗ୍ରାମ | | | | |
| ଡାକଘର | | ପିନ କୋଡ୍ | ☐☐☐☐☐☐ | |
| ଜିଲ୍ଲା | | ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ | | |

(କ) ମଞ୍ଜୁର କରାଯାଇଛି ଏବଂ ଶ୍ରୀ/ଶ୍ରୀମତୀ /କୁମାରୀ ................................................................................ ଙ୍କର ନାମକୁ ................................................ ବିଧାନ ସଭା ନିର୍ବାଚନମଣ୍ଡଳୀର ଭାଗ ସଂଖ୍ୟା ................................................ ର କ୍ରମିକ ସଂଖ୍ୟା ...................................................... ରେ ପଞ୍ଜୀକୃତ କରାଯାଇଛି ।

(ଖ) ନାମଞ୍ଜୁର କରାଯିବାର କାରଣ ....................................................................................................................

ନିର୍ବାଚକ ପଞ୍ଜୀକରଣ ଅଧିକାରୀ

ତାରିଖ:............................ ଠିକଣା......................................................

---

**<u>ପ୍ରାପ୍ତିସ୍ୱୀକାର / ରସିଦ୍</u>**

ପ୍ରାପ୍ତିସ୍ୱୀକାର ସଂଖ୍ୟା.............................................. ତାରିଖ ..................................
ଶ୍ରୀ/ ଶ୍ରୀମତୀ/ କୁମାରୀ........................................................................................ ଙ୍କ ଠାରୁ ଫର୍ମ ନମ୍ବର ୬ ରେ ଦରଖାସ୍ତ ଗ୍ରହଣ କରାଗଲା ।

[ଆବେଦନକାରୀ ଦରଖାସ୍ତର ସ୍ଥିତି ଜାଣିବାପାଇଁ ପ୍ରାପ୍ତିସ୍ୱୀକାର ସଂଖ୍ୟା ଦର୍ଶାଇପାରିବେ]

**ଇଆରଓ / ଏଇଆରଓ / ବିଏଲଓଙ୍କ ନାମ ଓ ସ୍ୱାକ୍ଷର**

# <u>ଦରଖାସ୍ତ ଫର୍ମ-୬ ପୂରଣ କରିବା ନିମନ୍ତେ ମାର୍ଗଦର୍ଶିକା</u>

୧. ଯେଉଁ ନିର୍ବାଚନମଣ୍ଡଳୀରେ ନାମ ପଞ୍ଜିକରଣ କରିବା ପାଇଁ ଚାହୁଁଛନ୍ତି, ଦରଖାସ୍ତ ସେହି ନିର୍ବାଚନମଣ୍ଡଳୀ ର ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କୁ ସମ୍ବୋଧିତ ହେବା ଉଚିତ । ଖାଲିଥିବା ସ୍ଥାନରେ ନିର୍ବାଚନମଣ୍ଡଳୀର ନାମ ଲେଖିବାକୁ ହେବ ।

୨. ପ୍ରଥମ ଥର ପାଇଁ ନାମ ପଞ୍ଜିକରଣ ନିମନ୍ତେ କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରୁ ସ୍ଥାନାନ୍ତରିତ ହେବା କାରଣରୁ ଦରଖାସ୍ତ କରୁଥିବା ଆବେଦନକାରୀ ଯଥାସ୍ଥାନରେ ଠିକ୍ ଚିହ୍ନ ଦେବେ ଏବଂ **ଘୋଷଣା ସ୍ଥାନରେ ସମ୍ପୂର୍ଣ୍ଣ ବିବରଣୀ ଦେବା ଉଚିତ, ଅନ୍ୟଥା ପ୍ରାଥମିକ ସ୍ତରରୁ ହିଁ ଦରଖାସ୍ତ ନାମଞ୍ଜୁର ହୋଇଯାଇପାରେ ।**

୩. ପଦକ୍ରମାଙ୍କ "କ" ରୁ " ଞ" କ୍ଷେତ୍ରରେ ଦେବାକୁ ଥିବା ବିବରଣୀ ଅନିବାର୍ଯ୍ୟ ଅଟେ । ତେଣୁ ଉପଯୁକ୍ତ ପଦକ୍ରମରେ ସମ୍ପୂର୍ଣ୍ଣ ସୂଚନା ନିଶ୍ଚିତ ଭାବରେ ଦିଆଯିବା ଉଚିତ୍ ।

୪. ପଦକ୍ରମାଙ୍କ "କ" ଓ "ଖ": ମତଦାତା ତାଲିକା ଓ ଭୋଟର ପରିଚୟ ପତ୍ରରେ ନାମ ଓ ବନାନ ଯେମିତି ଦରଜ କରାଯିବ, ଦରଖାସ୍ତରେ ଠିକ୍ ସେମିତି ଲେଖାହେବା ଉଚିତ୍ । ପୁରା ନାମ ପ୍ରଥମ କୋଠରୀରେ ଲେଖାଯିବ ଓ ଦ୍ୱିତୀୟ କୋଠରୀରେ ଶେଷ ନାମ ଲେଖାଯିବ । ଯଦି ଦରଖାସ୍ତକାରୀଙ୍କର ଶେଷ ନାମ ନଥାଏ ତେବେ ଶେଷ ନାମ ପାଇଁ ଉଦ୍ଦିଷ୍ଟ କୋଠରୀକୁ ଖାଲି ରଖିବେ । ଯଦି ନାମ ସହିତ କିମ୍ବା ଶେଷ ନାମ ସହିତ ଜାତିର ନାମ ରହିନଥାଏ ତେବେ ଜାତିର ନାମ ଉଲ୍ଲେଖ କରିବା ଅନୁଚିତ । ନାମ ପୂର୍ବରୁ ଶ୍ରୀ / ଶ୍ରୀମତୀ / କୁମାରୀ / ଖାଁ / ବେଗମ / ପଣ୍ଡିତ ଇତ୍ୟାଦି ଲେଖିବା ଅନୁଚିତ, ଯଦି ସମ୍ଭବ ହୁଏ, ଦରଖାସ୍ତକାରୀ ତାଙ୍କ ନାମ ଉଭୟ ଇଂରାଜୀ ଓ ସରକାରୀ ପ୍ରାଦେଶିକ ଭାଷାରେ ଉଲ୍ଲେଖ କରିପାରିବେ ।

୫. **ପଦକ୍ରମାଙ୍କ "ଗ" ଓ "ଘ": (ସମ୍ପର୍କୀୟଙ୍କ ନାମ):**

ଅବିବାହିତା ମହିଳା ଦରଖାସ୍ତକାରୀ ତାଙ୍କ ପିତା / ମାତାଙ୍କର ନାମ ଲେଖିବେ, ମାତ୍ର ବିବାହିତା ମହିଳା ଦରଖାସ୍ତକାରୀ ତାଙ୍କ ସ୍ୱାମୀଙ୍କ ନାମ ଲେଖିବା ଉଚିତ୍ ହେବ । ଅନାବଶ୍ୟକ ବିକଳ୍ପକୁ କାଟି ଦିଅନ୍ତୁ ।

୬. **ପଦକ୍ରମାଙ୍କ "ଙ" ଓ "ଚ": (ବୟସ ଓ ଜନ୍ମତାରିଖ):**

ଭୋଟର ତାଲିକା ସଂଶୋଧନ କରାଯାଇଥିବା ବର୍ଷ ଜାନୁୟାରୀ ମାସ ୧ ତାରିଖକୁ ଦରଖାସ୍ତକାରୀଙ୍କ ବୟସ ୧୮ ବର୍ଷ କିମ୍ବା ତଦୂର୍ଦ୍ଧ ହେବା ଆବଶ୍ୟକ । ଦରଖାସ୍ତକାରୀ ନିର୍ଦ୍ଦିଷ୍ଟ ସ୍ଥାନରେ ନିଜର ବୟସ ଦିନ / ମାସ / ବର୍ଷରେ (DD / MM / YY) ଉଲ୍ଲେଖ କରିବେ । ଯଦି ଦରଖାସ୍ତକାରୀଙ୍କ ବୟସ ୧୮ ରୁ ୨୧ ବର୍ଷ ମଧ୍ୟରେ ହୋଇଥାଏ ତେବେ ଜନ୍ମ ତାରିଖରେ ଦଲିଲଗତ ପ୍ରମାଣ ପତ୍ର ଦରଖାସ୍ତ ସହିତ ସଂଲଗ୍ନ କରିବେ । ନିମ୍ନଲିଖିତ କାଗଜପତ୍ର ମଧ୍ୟରୁ କୌଣସି ଏକ କାଗଜାତ ଦରଖାସ୍ତ ସହିତ ସଂଲଗ୍ନ କରିପାରିବେ :- ମ୍ୟୁନିସିପାଲ୍ କର୍ତ୍ତୃପକ୍ଷ କିମ୍ବା ଜନ୍ମ ଓ ମୃତ୍ୟୁର ଜିଲ୍ଲା ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରଦତ୍ତ ଜନ୍ମ ପ୍ରମାଣପତ୍ର କିମ୍ବା ବାପଟିଜିମ ସାର୍ଟିଫିକେଟ, କିମ୍ବା ଦରଖାସ୍ତକାରୀ ସର୍ବଶେଷରେ ପଢିଥିବା ବିଦ୍ୟାଳୟ (ସରକାରୀ / ମଞ୍ଜୁରିପ୍ରାପ୍ତ) ରୁ ପ୍ରାପ୍ତ ଜନ୍ମ ତାରିଖ ଥିବା ପ୍ରମାଣପତ୍ର କିମ୍ବା ଅନ୍ୟ କୌଣସି ମଞ୍ଜୁରୀପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ପ୍ରାପ୍ତ ଜନ୍ମ ତାରିଖ ଥିବା ପ୍ରମାଣପତ୍ର । ଯେଉଁ ବ୍ୟକ୍ତିଙ୍କର ଶିକ୍ଷାଗତ ଯୋଗ୍ୟତା ୧୦ମ ଶ୍ରେଣୀ ପାଶ୍ କିମ୍ବା ତଦୂର୍ଦ୍ଧ, ଜନ୍ମ ତାରିଖ ପ୍ରମାଣ ନିମନ୍ତେ ତାଙ୍କର ୧୦ମ ଶ୍ରେଣୀର ମାର୍କସିଟ୍ (ଯଦି ସେଥିରେ ଜନ୍ମ ତାରିଖ ଉଲ୍ଲେଖ ହୋଇଥାଏ) ର ନକଲ ପ୍ରଦାନ କରିବେ କିମ୍ବା ୮ମ ଶ୍ରେଣୀର ମାର୍କସିଟ୍ ର ନକଲ (ଯଦି ସେଥିରେ ଜନ୍ମ ତାରିଖ ଉଲ୍ଲେଖ ହୋଇଥାଏ) କିମ୍ବା ୫ମ ଶ୍ରେଣୀର ମାର୍କସିଟ୍ ର ନକଲ (ଯଦି ସେଥିରେ ଜନ୍ମ ତାରିଖ ଉଲ୍ଲେଖ ହୋଇଥାଏ) କିମ୍ବା ଭାରତୀୟ ପାର୍ସପୋର୍ଟ/ ପ୍ୟାନ କାର୍ଡ / ଡ୍ରାଇଭିଂ ଲାଇସେନ୍ସ, ୟୁ.ଆଇ.ଡି.ଏ.ଆଇ ଦ୍ୱାରା ପ୍ରସ୍ତୁତ ଆଧାର କାର୍ଡ ।

(କ). ଯଦି ଉପର ଲିଖିତ କୌଣସି ଦସ୍ତାବିଜ୍ ଉପଲବ୍ଧ ନୁହେଁ ପରିଶିଷ୍ଟ-୨ରେ (ମାର୍ଗଦର୍ଶିକା ସହିତ ସଂଲଗ୍ନ କରାଯାଇଥିବା) ଦିଆଯାଇଥିବା ଫର୍ମାଟରେ ଦରଖାସ୍ତକାରୀଙ୍କ ମାତା-ପିତାଙ୍କ ଦ୍ୱାରା (ତୃତୀୟ ଲିଙ୍ଗ ଦରଖାସ୍ତ କାରୀଙ୍କ କ୍ଷେତ୍ରରେ ଗୁରୁଙ୍କ ଦ୍ୱାରା) ଏକ ଘୋଷଣା ପତ୍ର ଦିଆଯାଇପାରିବ । ଯେଉଁ ମାମଲାରେ ଦରଖାସ୍ତକାରୀଙ୍କ ଜନ୍ମ ପ୍ରମାଣ ସ୍ୱରୁପ ତାଙ୍କ ମାତା-ପିତାଙ୍କ ଘୋଷଣା ପତ୍ର ଦିଆଯିବ ସେହି ମାମଲାରେ ଦରଖାସ୍ତକାରୀ ସତ୍ୟାପନ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ / ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ / ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥିତ ରହିବାକୁ ପଡିବ । ପୁନଶ୍ଚ ଯଦି ଉପର ଲିଖିତ କୌଣସି ଦସ୍ତାବିଜ୍ ଉପଲବ୍ଧ ନୁହେଁ କିମ୍ବା ପିତା-ମାତାଙ୍କ ମଧ୍ୟରୁ କେହି ଜୀବିତ ନୁହନ୍ତି, ଦରଖାସ୍ତକାରୀ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ କିମ୍ବା ସମ୍ପୃକ୍ତ ପୌର ନିଗମ/ପୌର ସମିତିର ସଭ୍ୟ ଦେଇଥିବା ଜନ୍ମତାରିଖ ପ୍ରମାଣପତ୍ର ଦାଖଲ କରିପାରିବେ ।

(ଖ). ଯଦି ଦରଖାସ୍ତକାରୀଙ୍କ ବୟସ ୨୧ ବର୍ଷରୁ ଉର୍ଦ୍ଧ୍ୱ ବୋଲି ବୁଥ୍ ସ୍ତରୀୟ ଅଧିକାରୀ / ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ / ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କୁ ଜଣାପଡନ୍ତି, ତେବେ, ସେ ନିଜେ ଦେଇଥିବା ବୟସ ସଂକ୍ରାନ୍ତୀୟ ଘୋଷଣାପତ୍ରକୁ ବୟସର ପ୍ରମାଣ ରୂପେ ଗ୍ରହଣ କରାଯିବ ଏବଂ ଅନ୍ୟ କୌଣସି କାଗଜାତ ପ୍ରମାଣ ଦାଖଲ କରିବା ପାଇଁ ବାଧ କରାଯିବ ନାହିଁ । ବୟସ, ଭୋଟର ତାଲିକା ସଂଶୋଧନ କରାଯାଇଥିବା ବର୍ଷର ଜାନୁୟାରୀ ୧ ତାରିଖ ସୁଦ୍ଧା ପୁରା ହୋଇଥିବା ବର୍ଷ ଓ ମାସ ଆକାରରେ ଦିଆଯିବ ।

(ଗ). ଯଦି ଜଣେ ଦରଖାସ୍ତକାରୀ ନୂତନ ଭାବେ ପଞ୍ଜିକରଣ ପାଇଁ ପ୍ରଥମ ଥର ଆବେଦନ କରୁଥାନ୍ତି ଓ ତାଙ୍କ ଯୋଗ୍ୟତା ତାରିଖକୁ ୨୧ ବର୍ଷରୁ ଉର୍ଦ୍ଧ୍ୱ ହୋଇଥାଏ ଏବଂ ତାଙ୍କ ନାମ ଭାରତର ଅନ୍ୟ କୌଣସି ଜାଗାରେ ପଞ୍ଜିକୃତ ହୋଇ ନଥାଏ ତେବେ ସେ ମାର୍ଗଦର୍ଶିକା ସହିତ ସଂଲଗ୍ନ କରାଯାଇଥିବା **ପରିଶିଷ୍ଟ -୩** ରେ ଥିବା ଫର୍ମାଟ ରେ ଏକ ଘୋଷଣା ପତ୍ର ଦେବେ ନଚେତ୍ ତାଙ୍କର ଦରଖାସ୍ତ ଖାରଜ ହୋଇଯିବ ।

୭. **ପଦକ୍ରମାଙ୍କ ("ଛ") (ଲିଙ୍ଗ)**- ଲିଙ୍ଗ ଯଥା ପୁରୁଷ / ସ୍ତ୍ରୀ / ତୃତୀୟ ଲିଙ୍ଗ ପାଇଁ ଦିଆଯାଇଥିବା ନିର୍ଦ୍ଦିଷ୍ଟ କୋଠରୀରେ ଠିକ୍ ଚିହ୍ନ ଦିଆଯିବା ଉଚିତ ।

୮. **ପଦକ୍ରମାଙ୍କ "ଜ" (ସାଧାରଣ ବାସସ୍ଥାନ)-**

ଦରଖାସ୍ତକାରୀ ଯେଉଁ ସ୍ଥାନରେ ସାଧାରଣତଃ ବସବାସ କରୁଛନ୍ତି ଓ ନାମ ପଞ୍ଜିକରଣ କରିବାକୁ ଚାହୁଁଛନ୍ତି ତାର ପିନ୍ କୋଡ଼ ନମ୍ବର ସହ ସମ୍ପୂର୍ଣ୍ଣ ଡାକ ଠିକଣା ଦରଖାସ୍ତର ଉପଯୁକ୍ତ ସ୍ଥାନରେ ଉଲ୍ଲେଖ କରିବେ ।

(କ) **ଘର ନମ୍ବର-ଯଦି ଦରଖାସ୍ତକାରୀଙ୍କ ବାସସ୍ଥାନର ଘର ନମ୍ବର ନଥାଏ 'ଘର ନମ୍ବର' ପାଇଁ ଉଦ୍ଦିଷ୍ଟ କୋଠରୀରେ 'କୌଣସି ଘର ନମ୍ବର ଦିଆଯାଇ ନାହିଁ' ବୋଲି ଉଲ୍ଲେଖ କରିବେ ।**

(ଖ) ସାଧାରଣ ବାସସ୍ଥାନର ପ୍ରମାଣ ସ୍ବରୁପ ନିମ୍ନ ଲିଖିତ କାଗଜ ପତ୍ର ମଧ୍ୟରୁ କୌଣସି ଏକ କାଗଜାତର ନକଲ ଦରଖାସ୍ତ ସହ ଯୋଡାଯିବ :- ଦରଖାସ୍ତକାରୀ କିମ୍ବା ତାଙ୍କ ନିକଟ ସମ୍ପର୍କୀୟ ଯଥା:- ପିତା / ମାତାଙ୍କ ସେହି ଠିକଣାରେ ଦିଆଯାଇଥିବା ବ୍ୟାଙ୍କ / କିଷାନ୍ / ପୋଷ୍ଟଅଫିସର ଚଳନ୍ତି ପାସବୁକ କିମ୍ବା ରେସନ୍ କାର୍ଡ ବା ପାସପୋର୍ଟ୍ ବା ଡ୍ରାଇଭିଂ ଲାଇସେନ୍ସ୍ ବା ଇନକମ୍ ଟ୍ୟାକ୍ସ ଆସେସମେଣ୍ଟ୍ ଅର୍ଡର୍ ବା ଅଦ୍ୟତନ ରେଣ୍ଟ ଏଗ୍ରିମେଣ୍ଟ୍ ବା ଅଦ୍ୟତନ ପାଣି / ଟେଲିଫୋନ୍ / ଇଲେକ୍ଟ୍ରିସିଟି / ଗ୍ୟାସ୍ କନେକ୍ସନ୍ ବିଲ୍ କିମ୍ବା ଦରଖାସ୍ତକାରୀଙ୍କ ଠିକଣାରେ ଭାରତୀୟ ଡାକ ବିଭାଗରୁ ପ୍ରାପ୍ତ ହୋଇଥିବା କୌଣସି ଚିଠି ପତ୍ର / ମେଲ୍ ।

(ଗ) **ଗୃହହୀନ ଭାରତୀୟ ନାଗରିକ / ଯୌନକର୍ମୀ ଭାରତୀୟ ନାଗରିକ**- ସେଡ୍ / ଫୁଟପାଥ୍ ରେ ରହୁଥିବା ଗୃହହୀନ ଭାରତୀୟ ନାଗରିକ ଓ ଯୌନକର୍ମୀ ଭାରତୀୟ ନାଗରିକ ଯାହା ପାଖରେ ସାଧାରଣ ବାସସ୍ଥାନର କାଗଜାତି ପ୍ରମାଣ ନାହିଁ ଓ ସେମାନେ ଦରଖାସ୍ତ ଦିଆଯାଇଥିବା ଠିକଣାରେ ସାଧାରଣ ଭାବେ ବସବାସ କରୁଛନ୍ତି ତେବେ ସେମାନେ ସେହି ସ୍ଥାନରେ ଭୋଟର ତାଲିକାରେ ପଞ୍ଜିକୃତ ହେବାପାଇଁ ଯୋଗ୍ୟ ବିବେଚିତ ହେବେ ।

(ଘ) **ବିଦ୍ୟାର୍ଥୀ** – ଛାତ୍ରାବାସ କିମ୍ବା ମେସରେ କିମ୍ବା ଲଜରେ ନିରବଚ୍ଛିନ୍ନ ଭାବେ ରହୁଥିବା ଓ ନିଜର ସାଧାରଣ ବାସସ୍ଥାନକୁ କମ୍ ଅବଧି ପାଇଁ ଯାଉଥିବା ଓ ଅନ୍ୟସବୁ ଦୃଷ୍ଟିକୋଣରୁ ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ଯୋଗ୍ୟ ବିବେଚିତ ହେଉଥିବା ଛାତ୍ର / ଛାତ୍ରୀ ଯେଉଁ ସ୍ଥାନରେ ସେହି ହଷ୍ଟେଲରେ କିମ୍ବା ମେସରେ କିମ୍ବା ଲଜ୍ ରେ ରହିଛନ୍ତି ସେହି ସ୍ଥାନର ସାଧାରଣ ନିବାସୀ ବୋଲି ବିବେଚିତ ହେବେ । ସେହି ଭଳି ଛାତ୍ର / ଛାତ୍ରୀ ଯେଉଁ ମାନେ ହଷ୍ଟେଲରେ କିମ୍ବା ମେସରେ କିମ୍ବା ଲଜ୍ ଠିକଣାରେ ପଞ୍ଜିକୃତ ହେବାକୁ ଚାହାନ୍ତି, ସେମାନଙ୍କୁ ଫର୍ମ-୬ ସହିତ ହେଡ୍ ମାଷ୍ଟର / ଅଧ୍ୟକ୍ଷ / ନିର୍ଦ୍ଦେଶକ / ରେଜିଷ୍ଟ୍ରାର / ଡିନ୍ ଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପ୍ରମାଣିତ ଘୋଷଣା ପତ୍ର (ପରିଶିଷ୍ଟ-୪ ରେ ଦିଆଯାଇଥିବା ନମୁନା ଅନୁସାରେ) ସଂଲଗ୍ନ କରିବେ ।

୯. **ଫଟୋ-** ଏକ ନଗଦ ଫଟୋ ଉଠାଯାଇଥିବା ପାସପୋର୍ଟ ସାଇଜ ରଙ୍ଗିନ ଫଟୋ ୩.୫ସେ.ମି X ୩.୫ସେ.ମି (ସହ ୨୦୦ ଡିପିଆଇ ରିଜୋଲ୍ୟୁସନ) ଫର୍ମ-୬ ରେ ଦିଆଯାଇ ଯଥା ସ୍ଥାନରେ ଅଠାରେ ଲଗାଯିବ । ଭୋଟର ଲିଷ୍ଟରେ ଦରଖାସ୍ତକାରୀଙ୍କ ଛବି ମୁଦ୍ରିତ ହେବା ସହ ଭୋଟର ପରିଚୟ ପତ୍ର ତିଆରି ପାଇଁ ଫଟୋଟି ଉପଯୋଗୀ ହେବ । ଫଟୋରେ ଦରଖାସ୍ତକାରୀଙ୍କ ମୁଖମଣ୍ଡଳ ଓ କାନ୍ଧର ଉପର ଭାଗର କ୍ଲୋଜଅପ୍ ଦୃଶ୍ୟମାନ ହେବ । ଦରଖାସ୍ତକାରୀଙ୍କ ମୁଖମଣ୍ଡଳ ଫଟୋର ଉପର ଅର୍ଦ୍ଧର ଆୟତନ (ଭର୍ଟିକାଲ୍ ଡାଇମେନସନର ୭୫ ଭାଗ (୭୫%) ରେ ରହିବ । ଫଟୋଟି ସୁସ୍ପଷ୍ଟ (ସାର୍ପ ଫୋକସ), ସମୁଚିତ ଚମକ ଓ ବୈଷମ୍ୟ ସହିତ ଭାଙ୍ଗ ଓ କାଳି ଦାଗ ବିହୀନ ଉଚ୍ଚ ଗୁଣାତ୍ମକ ମାନର ହେବା ଉଚିତ ଏବଂ ନିର୍ବାଚକଙ୍କ ମୁଖମଣ୍ଡଳର ତ୍ୱଚାର ରଙ୍ଗ ପ୍ରାକୃତିକ ଦେଖା ଯିବା ସହ ମୁଖମଣ୍ଡଳ ସ୍ପଷ୍ଟ ଭାବେ ଚିହ୍ନି ହେଉଥିବା ଉଚିତ । ଫଟୋଟି ସହଜ ଅଭିବ୍ୟକ୍ତ, ବନ୍ଦ ମୁହଁ ହେବା ସହ ସିଧା କ୍ୟାମେରାକୁ ଦେଖିବା ଭଳି ହେବା ଉଚିତ । ଫଟୋଟିର ଦରଖାସ୍ତକାରୀଙ୍କ ଆଖି ଖୋଲା ରହିବା ସହ କେଶ ଓ ଟୋପି / ପଗଡି / ଆବରଣ / ଛାୟା /ପ୍ରତିବିମ୍ବ ବିହୀନ ଦେଖାଯିବା ଉଚିତ । ଯଦି ନିର୍ବାଚକ ଚଷମା ପିନ୍ଧୁଥାନ୍ତି ତେବେ ଫଟୋଟି ପ୍ରତିଫଳନ ବିହୀନ ଓ ସୁସ୍ପଷ୍ଟ ହେବା ଉଚିତ । ଚଷମାର ଲେନସ୍ ରଞ୍ଜିତ ହେବା ଅନୁଚିତ ଏବଂ ଏହା ସୁନିଶ୍ଚିତ କରାଯିବା ଦରକାର ଯେ ଚଷମାର ଫ୍ରେମ ନିର୍ବାଚକଙ୍କ ଆଖିର କୋଣସି ଅଂଶକୁ ଆବୃତ କରୁନାହିଁ । ଫଟୋଟିର ପୃଷ୍ଠଭାଗ ସାଧା ଓ ହାଲୁକା ରଙ୍ଗର ହେବା ସହ ନିର୍ବାଚକଙ୍କ ସହ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ବସ୍ତୁ ଦୃଶ୍ୟମାନ ହେବା ଉଚିତ ନୁହେଁ ।

୧୦. **ଭୋଟର ପରିଚୟ ପତ୍ର (EPIC)**

(କ) ଯେବେବି କୌଣସି ଭାରତୀୟ ନାଗରିକ ଙ୍କ ନାମ ନିର୍ବାଚକ ତାଲିକାରେ ପ୍ରଥମ ଥର ପାଇଁ ପଞ୍ଜିକୃତ ହୁଏ, ନୂଆ ଭୋଟର ପରିଚୟ ପତ୍ର ସ୍ୱତଃପ୍ରବୃତ ଭାବେ ବିନା କୌଣସି ଆବେଦନରେ ଓ ବିନା ମୂଲ୍ୟରେ ସ୍ପିଡ ପୋଷ୍ଟ ଜରିଆରେ ଉପଯୁକ୍ତ ପ୍ରାପ୍ତିସ୍ୱିକାର ପତ୍ର ସହ ପ୍ରଦାନ କରାଯିବ।

(ଖ) **ସ୍ଥାନ ପରିବର୍ତ୍ତନ ଯୋଗୁଁ ନୂତନ ଭୋଟର ପରିଚୟ ପତ୍ର-** ଯଦି ଦରଖାସ୍ତକାରୀ ନିଜ ଠିକଣା ପରିବର୍ତ୍ତନ କରିଥାନ୍ତି ଏବଂ ଫର୍ମ ୬ କିମ୍ବା ୮(କ) ରେ ଆବେଦନ କରିଥାନ୍ତି ତେବେ ତାଙ୍କ ସପକ୍ଷରେ ପୂର୍ବତନ ନିର୍ବାଚନମଣ୍ଡଳୀ ଠିକଣାରେ ପଞ୍ଜିକୃତ ହୋଇଥିବା ଭୋଟର ପରିଚୟ ପତ୍ର ସଂଖ୍ୟା ଓ ନିର୍ଦ୍ଦିଷ୍ଟ ସ୍ଥାନ ଉଲ୍ଲେଖ କରିବେ । ଯଦି ସେ ସ୍ଥାନ ପରିବର୍ତ୍ତନ ଜନିତ ଭୋଟର ପରିଚୟ ପତ୍ର ନୂଆ ଠିକଣାରେ ଚାହାଁନ୍ତି ତେବେ ତାଙ୍କୁ ଫର୍ମ ୬ କିମ୍ବା ଫର୍ମ ୮ (କ) ଆଧାରରେ ନୂଆସ୍ଥାନରେ ପଞ୍ଜିକୃତ ହୋଇସାରିଲା ପରେ ସେ ଫର୍ମ ଇପିଆଇସି -00୧(EPIC-001)ରେ (ପରିଶିଷ୍ଟ -୫ ରେ ଦିଆଯାଇଥିବା ଫର୍ମାଟ ଅନୁଯାୟୀ) ପୂର୍ବରୁ ପ୍ରାପ୍ତ ହୋଇଥିବା ଇପିଆଇସି(EPIC) କୁ ଆବଶ୍ୟକୀୟ ଦେୟ ସହ ଦରଖାସ୍ତ କରିବେ।

୧୧. **ଇଛାଧୀନ ବିବରଣୀ:-**

ପଦକ୍ରମ (ଟ) ଠାରୁ (ଡ) ପର୍ଯ୍ୟନ୍ତ ଦିଆଯାଇଥିବା ବିବରଣୀ ଇଛାଧୀନ ଅଟେ । ଅବଶ୍ୟ ଦରଖାସ୍ତକାରୀ ନିଜ ହିତ ଦୃଷ୍ଟିରୁ ଏହି ପଦକ୍ରମରେ ଦିଆଯାଇଥିବା ସୁଚନା ପ୍ରଦାନ କରିବା ଉଚିତ ହେବ ତଦ୍ୱାରା ଦରଖାସ୍ତ ଫର୍ମ ପୂରଣ, ଭୋଟର ପରିଚୟ ପତ୍ର ପଠାଇବା ପାଇଁ ସୁଚନା/ ନୋଟିସ ଜାରିକରିବା ଏବଂ ନିର୍ବାଚନ ସମୟରେ ମତଦାନ କେନ୍ଦ୍ରରେ ଆବଶ୍ୟକୀୟ ସହାୟତା ଯୋଗାଇଦେବାରେ ସୁବିଧା ହେବ।

୧୨. **ଘୋଷଣା ଭାଗ :-**

କ- "ଘୋଷଣା" ଭାଗରେ ସମସ୍ତ ଅଂଶ ସମ୍ପୁର୍ଣ୍ଣ ଭାବେ ପୂରଣ କରିବା ବାଧ୍ୟତା ମୂଳକ ଅଟେ । ଦୟାକରି ଦରାଖାସ୍ତକାରୀ କେଉଁ ତାରିଖ ଠାରୁ ବର୍ତ୍ତମାନ ଠିକଣାରେ ବସବାସ କରୁଛନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରନ୍ତୁ । ଯଦି ସେ ନିର୍ଦ୍ଦିଷ୍ଟ ତାରିଖ ପୂରଣ କରିପାରୁ ନାହାଁନ୍ତି ତେବେ ଉକ୍ତ ସ୍ଥାନରେ ବସବାସ କରିଆସୁଥିବା ମାସ ଓ ବର୍ଷ ଉଲ୍ଲେଖ କରନ୍ତୁ । ଯଦି ତାଙ୍କର ନାମ ଅନ୍ୟ କୌଣସି ନିର୍ବାଚନମଣ୍ଡଳୀ ରେ ପଞ୍ଜିକୃତ ହୋଇଛି ସେହି ନିର୍ବାଚନମଣ୍ଡଳୀର ନାମ ଉଲ୍ଲେଖ କରିବା ଉଚିତ । ପୂର୍ବତନ ଠିକଣାର ସବିଶେଷ ବିବରଣୀ ଉଲ୍ଲେଖ କରିବା ଉଚିତ୍ ନଚେତ୍ ଦରଖାସ୍ତଟି ପ୍ରାଥମିକ ସ୍ତରରେ ହିଁ ଖାରଜ ହୋଇଯିବା ସମ୍ଭାବନା ଅଛି । ଅନାବଶ୍ୟକୀୟ ବିକଳ୍ପ / ଶବ୍ଦାବଳୀ ଗୁଡିକୁ ବାଦ ଦେବା ଉଚିତ୍ ହେବ । ଦୟାକରି ଧ୍ୟାନଦେବା ଉଚିତ ହେବ ଯେ, ଘୋଷଣା ପତ୍ରର କୌଣସି ଅଂଶରେ ଦିଆଯାଇଥିବା ମିଥ୍ୟା ବକ୍ତବ୍ୟ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ର ଧାରା ୩୧ ଅନୁଯାୟୀ ଦଣ୍ଡନୀୟ ଅପରାଧ ।

ଖ- ଯଦି କୌଣସି ସେବାକାର୍ମୀକ (Service Personnel) ତାଙ୍କ ଶାନ୍ତି ସ୍ଥଳରେ (ପିସ୍ ଷ୍ଟେସନ) ମୂତୟନ ସମୟରେ ସାଧାରଣ ଭୋଟର ଭାବେ ପଞ୍ଜିକୃତ ହେବାକୁ ଚାହାଁନ୍ତି, ତାହାହେଲେ ଦରଖାସ୍ତ ଫର୍ମ -୬ ସହିତ (ପରିଶିଷ୍ଟ - ୧) ଘୋଷଣା ପତ୍ର ପ୍ରଦାନ କରିବେ ।

***

**ପରିଶିଷ୍ଟ – ୧ (ଫର୍ମ –6 ପାଇଁ)**

## ସେବା କାର୍ମୀକଙ୍କ ଦ୍ୱାରା ଘୋଷଣା
## (ଫର୍ମ-୬ ସହିତ ସଂଲଗ୍ନ କରାଯିବ)

ନିଜ ଅବସ୍ଥାପିତ ସ୍ଥାନର ଭୋଟର ତାଲିକାରେ ସାଧାରଣ ନିର୍ବାଚକ ଭାବେ ନିଜକୁ ପଞ୍ଜିକୃତ କରିବାପାଇଁ ମୁଁ ..........................................................................................................................ରେକର୍ଡ କାର୍ଯ୍ୟାଳୟ / କମାଣ୍ଡେଣ୍ଟଙ୍କ ଦ୍ୱାରା ଏହି ବାବଦରେ ଜାରି କରାଯାଇଥିବା ପ୍ରମାଣପତ୍ର ସଂଲଗ୍ନ କରୁଛି ଯେ, ମୋର ତା.................................................................................. ରିଖରୁ ଶାନ୍ତିସ୍ଥାନ (ପିସ୍ ଷ୍ଟେସନ) ଯଥା ............................................................................................................... ରେ ଅବସ୍ଥାପିତ ହୋଇଅଛି।

ମୁଁ ଏତଦ୍ୱାରା ଘୋଷଣା କରୁଅଛିଯେ, ମୁଁ କୌଣସି ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାର ଅନ୍ତିମ ଭାଗରେ ନିଜକୁ ପଞ୍ଜିକୃତ କରିନାହିଁ କି କୌଣସି ନିର୍ବାଚନ ମଣ୍ଡଳୀର ଅନ୍ତିମ ଭାଗରେ ସେବା କାର୍ମୀକ ନିର୍ବାଚକ ଭାବେ ପଞ୍ଜିକୃତ ହେବାପାଇଁ ଆବେଦନ କରିନାହିଁ।

ମୁଁ ପୁନଃ ଘୋଷଣା କରୁଛି ଯେ, ମୁଁ ଏହି ଆଇନ ବିଷୟରେ ଅବଗତ ଯାହାକି ଏକ ନିର୍ବାଚନ ମଣ୍ଡଳୀ ବା ଭିନ୍ନ ଭିନ୍ନ ନିର୍ବାଚନ ମଣ୍ଡଳୀରେ ଏକାଧିକ ସ୍ଥାନରେ ନିର୍ବାଚକ ରୂପେ ପଞ୍ଜିକୃତ କରିବାକୁ ନିଷିଦ୍ଧ କରୁଛି ଏବଂ ଯଦି ମୋର ନାମ ଭିନ୍ନ ଭିନ୍ନ ସ୍ଥାନରେ ଏହି ପ୍ରକାରରେ ପ୍ରକଟ ହୋଇଥାଏ ତେବେ ମୁଁ ବର୍ତ୍ତମାନ ଫର୍ମ-୬ ରେ ଆବେଦନ କରିଥିବା ସ୍ଥାନ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରୁ ବାଦ ଦିଆଯାଉ।

ସେବା କାର୍ମୀକଙ୍କ ଦସ୍ତଖତ.....................

ର୍‍ୟାଙ୍କ ..........................................

ସ୍ଥାନ..........................................

ତାରିଖ.........................................

පରିଶିଷ୍ଟ - ୨ (ଫର୍ମ - ୬ ପାଇଁ)

## ଶପଥ କିମ୍ବା ପ୍ରତିଜ୍ଞା ଫର୍ମ

## (୧୮ ରୁ ୨୧ ବର୍ଷ ଆୟୁବର୍ଗର ପ୍ରଥମଥର ପାଇଁ ଦରଖାସ୍ତକାରୀ ଯାହାଙ୍କ ପାଖରେ ବୟସର ପ୍ରମାଣପାଇଁ କୌଣସି ଦସ୍ତାବିଜ ନାହିଁ ତାଙ୍କ ପିତା /ମାତା/ ଗୁରୁଙ୍କ ଦ୍ୱାରା ନିଆଯିବ)

ମୁଁ ..........................................................................................................................................

ଯାହାର ନାମ ..........................................................................................................................

ବିଧାନ ସଭା ନିର୍ବାଚନମଣ୍ଡଳୀର ଭୋଟର ତାଲିକାର ଭାଗ ସଂଖ୍ୟା ................................. କ୍ରମିକ ସଂଖ୍ୟା ................................. ରେ ପଞ୍ଜିକୃତ ହୋଇଛି, ଈଶ୍ୱରଙ୍କ ନାମରେ ଶପଥ ନେଉଛି/ ନିଷ୍ଠାର ସହ ପ୍ରତିଜ୍ଞା କରୁଛି ଯେ, ମୋର ପୁତ୍ର / କନ୍ୟା/ ଶିଷ୍ୟ ......................................................................................................................ଙ୍କର ବୟସ ତା ୦୧ ଜାନୁୟାରୀ ୨୦......................... ସ୍ଥିତି ଅନୁଯାୟୀ .................... ବର୍ଷ ଅଟେ ଏବଂ ସେ ମୋ ସହ ବାସ କରୁଛନ୍ତି ।

**ସ୍ଥାନ :**

**ତାରିଖ:** **ମାତା/ପିତା/ ଗୁରୁଙ୍କ ଦସ୍ତଖତ**

ଶ୍ରୀ/ ଶ୍ରୀମତୀ/ କୁମାରୀ.............................................................................................................. ଙ୍କ ଦ୍ୱାରା ମୋ ସମ୍ମୁଖରେ ୨୦ ............................ ବର୍ଷର ........................... ଦିନରେ .......................... ବେଳେ .......................................................................... ସ୍ଥାନରେ ଈଶ୍ୱରଙ୍କ ନାମରେ ଶପଥ ନିଆଯାଇଛି/ ପ୍ରତିଜ୍ଞା କରାଯାଇଛି ।

**ନିର୍ବାଚକ ପଞ୍ଜିକରଣ ଅଧିକାରୀ/**
**ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସ୍ୱାକ୍ଷର ଓ ମୋହର**

**ପରିଶିଷ୍ଟ - ୩ (ଫର୍ମ - ୬ ପାଇଁ)**

## ଘୋଷଣା *

## (ପ୍ରଥମଥର ପାଇଁ ପଞ୍ଜିକରଣ ଚାହୁଁଥିବା ୨୧ + ଆୟୁବର୍ଗର ନିର୍ବାଚକଙ୍କ ପାଇଁ)

ମୁଁ.................................................................................................................................................. ........ , ...............................................................................................................................ଙ୍କର ପୁତ୍ର / କନ୍ୟା / ପତ୍ନୀ ........................................................................................................................ ନିବାସୀ, ନିମ୍ନୋକ୍ତ ଘୋଷଣା କରୁଛି ଯେ:-

ମୁଁ ............................................................................................................ ନିର୍ବାଚନ ମଣ୍ଡଳୀ ଭୋଟର ତାଲିକାରେ ପଞ୍ଜିକରଣ ପାଇଁ ଆବେଦନ କରୁଛି କାରଣ ମୋର ନାମ ଭାରତର କୌଣସି ଭୋଟର ତାଲିକାରେ ପଞ୍ଜିକୃତ ହୋଇନାହିଁ ।

୨. ମୋତେ ଅତୀତରେ କୌଣସି ନିର୍ବାଚନ ମଣ୍ଡଳୀରୁ ଭୋଟର ପରିଚୟ ପତ୍ର(EPIC) ଜାରି କରାଯାଇନାହିଁ ।

**ସ୍ଥାନ :**

**ତାରିଖ:** **ଦରଖାସ୍ତକାରୀଙ୍କ ସ୍ୱାକ୍ଷର**

***(ଭୋଟର ତାଲିକା ତିଆରି/ ସଂଶୋଧନ ସମ୍ବନ୍ଧୀୟ ବିଷୟରେ ମିଥ୍ୟା ଘୋଷଣା କରିବା ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୧ର ଧାରା ୩୧ ତଥା ଭାରତୀୟ ଦଣ୍ଡ ସଂହିତାର ପ୍ରବନ୍ଧନ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ)**

## ପରିଶିଷ୍ଟ - ୪ (ଫର୍ମ - ୬ ପାଇଁ)

**ଛାତ୍ରାବାସ/ମେସ/ ଅନ୍ୟତ୍ର ରହୁଥିବା ଛାତ୍ର/ଛାତ୍ରୀଙ୍କ ଦ୍ୱାରା ଘୋଷଣା ପତ୍ର**

**(ଫର୍ମ ୬ ସହିତ ସଂଲଗ୍ନ କରାଯିବ)**

ସମ୍ପୂର୍ଣ୍ଣ ମୁଖମଣ୍ଡଳର ସମ୍ମୁଖ ଭାଗ ଦୃଶ୍ୟ ହେଉଥିବା ଗୋଟିଏ ନଗଦ ଉଠାଯାଇଥିବା ରଙ୍ଗିନ ପାସପୋର୍ଟ ସାଇଜର ଫଟୋ (୩.୫ସେ.ମି X ୩.୫ସେ.ମି) ଏହି ସ୍ଥାନରେ ଅଠାରେ ଲଗାଯିବ ।

ମୁଁ.....................................................................................................................................

......, ......................................................................................ଙ୍କର ପୁତ୍ର/କନ୍ୟା

................................................................................................ (ପୈତୃକ ସ୍ଥାନର ଠିକଣା ) ଏତଦ୍ୱାରା ଘୋଷଣା

କରୁଛିକି :-

(କ) ମୁଁ............................................................................................................ (ଶିକ୍ଷାନୁଷ୍ଠାନର ନାମ) ର ପ୍ରକୃତ ଛାତ୍ର / ଛାତ୍ରୀ ଅଟେ ଏବଂ............................................................................................ (ପାଠ୍ୟକ୍ରମରେ ନାମ) .................... ବର୍ଷ .................... ମାସ ଠାରୁ ...................... ବର୍ଷ .................... ମାସ ଯାଏ ଅଧ୍ୟୟନ କରୁଅଛି।

*(ଖ) ମୁଁ ବର୍ତ୍ତମାନ- i)............................................................................................ (ଯଦି ଛାତ୍ରାବାସ/ ମେସ୍ ରେ ରହୁଛନ୍ତି ତେବେ ଛାତ୍ରାବାସ/ ମେସ୍ ର ରୁମ ସଂଖ୍ୟା / ବ୍ଲକ୍ ସଂଖ୍ୟା/ ବ୍ଲକ ନାମ ଆଦି ଉଲ୍ଲେଖ କରନ୍ତୁ) ଠାରେ ରହୁଅଛି।

କିମ୍ବା

ii)................................................................................................ (ଯଦି ଛାତ୍ରାବାସ / ମେସ୍ ବ୍ୟତୀତ ଅନ୍ୟତ୍ର ରହୁଥିବା ସ୍ଥାନର ପୂରା ଡାକ ଠିକଣା ଉଲ୍ଲେଖ କରନ୍ତୁ) ଠାରେ ରହୁଅଛି।

*(ଗ) ମୁଁ ନିଜ ମାତା – ପିତା/ ଅଭିଭାବକଙ୍କ ସହ ନିଜ ପୈତୃକ ସ୍ଥାନର ଭୋଟର ତାଲିକାର ଉପର ଲିଖିତ ବାସସ୍ଥାନରେ ନିର୍ବାଚକ ଭାବେ ପଞ୍ଜିକୃତ ହେବାକୁ ଚାହେଁ/ ମୋ ନାମର ପଞ୍ଜିକରଣକୁ କାଏମ ରଖିବାକୁ ଚାହେଁ।

କିମ୍ବା

*ମୁଁ ବର୍ତ୍ତମାନ ଯେଉଁ ସ୍ଥାନରେ ରହୁଛି ସେହି ନିର୍ବାଚନ ମଣ୍ଡଳୀର ସେହି ସ୍ଥାନର ଭୋଟର ତାଲିକାରେ ପଞ୍ଜିକୃତ ହେବାକୁ ଚାହୁଁଛି।

II. ମୁଁ ଏହି ବାବଦରେ ସମ୍ପୂର୍ଣ୍ଣରୂପେ ଅବଗତ ଯେ, ନିର୍ବାଚନ ଆଇନ ଅନୁଯାୟୀ ଏକରୁ ଅଧିକ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ କିମ୍ବା କୌଣସି ଏକ ନିର୍ବାଚନ ମଣ୍ଡଳୀରେ ଏକାଧିକ ଥର ପଞ୍ଜିକରଣ କରିବାପାଇଁ ଅନୁମତି ନାହିଁ ଏବଂ ମୁଁ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ର ଧାରା ୩୧ରେ ଦଣ୍ଡ ବ୍ୟବସ୍ଥା ବାବଦରେ ଅବଗତ ଅଛି ଯାହା ନିମ୍ନରେ ଦିଆଗଲା:-

*"ଯଦି କୌଣସି ବ୍ୟକ୍ତି (କ) ଭୋଟର ତାଲିକା ତିଆରି, ପୁନଃନିରୀକ୍ଷଣ ବା ସଂଶୋଧନ କିମ୍ବା (ଖ) ଭୋଟର ତାଲିକା ନାମ ଦରଜ ବା ଦରଜ ହୋଇଥିବା ନାମକୁ ବାଦ ଦେବା ସମ୍ବନ୍ଧରେ କୌଣସି ଲିଖିତ ବିବୃତି ଘୋଷଣାପତ୍ର ଦିଅନ୍ତି ଯାହାକି ମିଥ୍ୟା ଅଟେ ଏବଂ ମିଥ୍ୟା ବୋଲି ଜାଣନ୍ତି ବା ବିଶ୍ୱାସ କରନ୍ତି କିମ୍ବା ସତ ବୋଲି ବିଶ୍ୱାସ କରନ୍ତି ନାହିଁ* ***ସେହି ବ୍ୟକ୍ତି କାରାବାସରେ ଦଣ୍ଡିତ ହେବେ, ଯାହାର ଅବଧି ୧ ବର୍ଷ ପର୍ଯ୍ୟନ୍ତ ହୋଇପାରେ ବା ଜୋରିମନା ସହିତ କିମ୍ବା ଉଭୟ ଦ୍ୱାରା ଦଣ୍ଡିତ ହେବେ।***

**ସ୍ଥାନ :**

**ତାରିଖ:** **(ବିଦ୍ୟାର୍ଥୀର ଦସ୍ତଖତ)**

ଏହା ପ୍ରମାଣିତ ଯେ ଉପରଲିଖିତ ଘୋଷଣାପତ୍ର (କ) ରେ ଦିଆଯାଇଥିବା ତଥ୍ୟ ଏବଂ ଫଟୋ ଅନୁଷ୍ଠାନର ଅଭିଲେଖରେ ସତ୍ୟାପିତ ହୋଇଛି ଓ ନିର୍ଭୁଲ ଥିବା ଦେଖାଯାଇଛି।

**ସ୍ଥାନ :**

**ତାରିଖ:** ପ୍ରଧାନ ଶିକ୍ଷକ/ ଅଧ୍ୟକ୍ଷ/ ରେଜିଷ୍ଟ୍ରାର/ ନିର୍ଦ୍ଦେଶକ/ ଡିନ ଙ୍କର ଦସ୍ତଖତ ଓ ମୋହର

# ପରିଶିଷ୍ଟ –୫ (ଫର୍ମ –୬ ପାଇଁ)

| | | |
|---|---|---|
| ଭାରତ ନିର୍ବାଚନ ଆୟୋଗ<br>(ପରିଶିଷ୍ଟ-୫)<br>ଦୋହରା (Replacement) ଭୋଟର ପରିଚୟ ପତ୍ର (ଇପିଆଇସି) ପାଇଁ ଦରଖାସ୍ତ | | ଫର୍ମ ଆଇଡି.<br>ଇସିଆଇ-ଇପିଆଇସି -୦୦୧ |
| **କ.** | ରାଜ୍ୟ / କେନ୍ଦ୍ର ଶାସିତ ଅଞ୍ଚଳ : | |
| | ବିଧାନସଭା ନିର୍ବାଚନମଣ୍ଡଳୀ (ସଂଖ୍ୟା ଓ ନାମ): | |
| | ଜିଲ୍ଲା : | |
| **ଖ.** | ନିର୍ବାଚକଙ୍କ ବିବରଣୀ (ନିର୍ବାଚକଙ୍କ ଦ୍ୱାରା ପୂରଣ ହେବ) | |

ପ୍ରାପ୍ତେଷୁ,
ନିର୍ବାଚକ ପଞ୍ଜିକରଣ ଅଧିକାରୀ,
.................................... ବିଧାନ ସଭା /ସଂସଦୀୟ ନିର୍ବାଚନମଣ୍ଡଳୀ ।

ମହାଶୟ/ମହାଶୟା, ଯେହେତୁ ମୋର ଅସଲ ଭୋଟର ପରିଚୟ ପତ୍ର ହଜିଯାଇଛି / ନଷ୍ଟ ହୋଇଯାଇଛି/ ଖଣ୍ଡିଆ ହୋଇଯାଇଛି କିମ୍ବା ମୋର ନିର୍ବାଚକ ବିବରଣୀରେ ସଂଶୋଧନ କିମ୍ବା ଠିକଣା ପରିବର୍ତ୍ତନ ପାଇଁ ମୋ ନିଜ ଠିକଣାରେ ଏକ ନୂତନ ଭୋଟର ପରଚୟ ପତ୍ର ଚାହୁଁଛି । ଦୋହରା ଇପିଆଇସି (EPIC) ପାଇବା ପାଇଁ ମୁଁ ନିର୍ଦ୍ଧାରିତ ଦେୟ ସହ ପୁରୁଣା ଇପିଆଇସି (EPIC) କୁ ଫେରସ୍ତ କରିଛି। ଉପରଲିଖିତ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ମୋର ନାମ ଦରଜ ହୋଇଛି । ଦୋହରା ଭୋଟର ପରିଚୟ ପତ୍ର ପାଇବା ପାଇଁ ମୋର ଦାବି ସପକ୍ଷରେ ବିବରଣୀ ନିମ୍ନରେ ଦିଆଗଲା :-

| | | |
|---|---|---|
| ୧. ଭୋଟରଙ୍କ ନାମ | ୨. ଅସଲ ଭୋଟର ପରିଚୟ ପତ୍ରର ଇପିଆଇସି (EPIC) ସଂଖ୍ୟା (ଯଦି ଜଣାଥାଏ) : | |
| ୩. ପିତା/ ମାତା/ ସ୍ୱାମୀଙ୍କ ନାମ | ୪. ଲିଙ୍ଗ (ପୁରୁଷ / ମହିଳା) | ୫. ଜନ୍ମ ତାରିଖ (DOB)<br>(ଦିନ/ମାସ/ବର୍ଷ ଏହି ଅନୁସାରେ)<br>........../............../........................<br>(ଯଦି ଜଣା ନାହିଁ ତେବେ ବର୍ଷରେ ବୟସ)<br>୧ମ ଜାନୁୟାରୀ, ୨୦..........................<br>ସୁଦ୍ଧା..................ବର୍ଷ....................ମାସ |
| ୬. ଠିକଣା<br>(i) ଘର/ ଦ୍ୱାର ସଂଖ୍ୟା : | | |
| (ii) ରାସ୍ତା / ମହଲା / ଗଳି : | | |
| (iii) ଅଞ୍ଚଳ/ ସ୍ଥାନ: | | |
| (iv) ସହର / ଗ୍ରାମ: | (v) ପିନ୍ କୋଡ୍: | |
| (vi) ଥାନା: | (vii) ଜିଲ୍ଲା: | |

(viii) ଦୋହରା ଭୋଟର ପରିଚୟପତ୍ର ପାଇଁ ଦରଖାସ୍ତର କାରଣ:

୧. ମୁଁ ଇପିଆଇସି (EPIC), ଭିଆରସି /ସିଏସସି ରୁ ସଂଗ୍ରହ କରିନେବି ।
୨. ମୁଁ ମୋ ଇପିଆଇସି (EPIC) ଡାକ ପରିଚୟରେ ଗ୍ରହଣ କରିବି (ନିଜସ୍ୱ ଠିକଣା ଏବଂ ଡାକଟିକଟ ଲଗାଯାଇଥିବା ଲଫାପା ସଂଲଗ୍ନ କରାଯାଇଛି) ।
୩. ମୁଁ ବି.ଏଲ.ଓ ଙ୍କ ଠାରୁ ଇପିଆଇସି (EPIC) ସଂଗ୍ରହ କରିନେବି ।

| | | |
|---|---|---|
| (ix) ଉଦ୍ଦିଷ୍ଟ କୋଠରୀରେ ଠିକ୍ ( √ ) ଚିହ୍ନ ଦିଅନ୍ତୁ<br>☐ ମୁଁ ଏତଦ୍ୱାରା ଖଣ୍ଡିଆ /ପୁରୁଣା କାର୍ଡ ଫେରାଇଦେଉଛି ।<br>☐ ମୁଁ, ପୁରଣା ହଜିଯାଇଥିବା କାର୍ଡ ପରବର୍ତ୍ତୀ ସମୟରେ ପୁନଃ ଲାଭକଲେ ଫେରାଇଦେବା ପାଇଁ ଅଙ୍ଗୀକାରବଦ୍ଧ । | ତାରିଖ :<br>ସ୍ଥାନ : | (ଆବେଦନକାରୀଙ୍କ ଦସ୍ତଖତ) |

| | |
|---|---|
| | ***କାର୍ଯ୍ୟାଳୟ ବ୍ୟବହାର ପାଇଁ*** |
| **ଗ.** | ଇପିଆଇସି (EPIC) ପ୍ରଦାନ କରାଯାଇଥିବା ପ୍ରମାଣୀକରଣ ***(ଇଆରଓ ଙ୍କ ପ୍ରତିନିଧିଙ୍କ ଦ୍ୱାରା ପୂରଣ ହେବ)*** |

| | | | |
|---|---|---|---|
| ଭାଗ ସଂଖ୍ୟା : | ଭାଗରେ ନିର୍ବାଚକଙ୍କ କ୍ରମିକ ସଂଖ୍ୟା | ଡେଜିଗନେଟେଡ ଫଟୋଗ୍ରାଫିକ ଲୋକେସନ(DPL) କିମ୍ବା କମନ ସର୍ଭିସ ସେଣ୍ଟରର (CSC) ଆଇଡି ନମ୍ବର | ଟୋକନ ନମ୍ବର କିମ୍ବା ରସିଦ ନମ୍ବର |
| ରେଜିଷ୍ଟର ସଂଖ୍ୟା : | ରେଜିଷ୍ଟରରେ କ୍ରମିକ ସଂଖ୍ୟା : | | |
| ଯାଞ୍ଚକାରୀ :<br>ତାରିଖ.........../.........../........... | ଦସ୍ତଖତ | | |

| | |
|---|---|
| **ଘ.** | **ନିର୍ବାଚକଙ୍କ ଦ୍ୱାରା ଡୁପଲିକେଟ (Duplicate) ଇପିଆଇସି (EPIC) ପାଇଥିବାର ସ୍ୱୀକୃତି** |

| | |
|---|---|
| ନକଲ (Duplicate) ଭୋଟର ପରିଚୟ ପତ୍ର ପାଇଥିବାର ତାରିଖ<br>   -    -   ୨୦...................... | ନିର୍ବାଚକଙ୍କ ଦସ୍ତଖତ<br>କିମ୍ବା<br>ଟିପ ଚିହ୍ନ |